# ପୁରୁଣା ଦଲିଲର ଦାଖଲ-ଖାରଜ ନିମନ୍ତେ ଶେଷ ସୁଯୋଗ

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ନଭେମ୍ବର ୨୦୧୮ ପୂର୍ବରୁ ସମ୍ପାଦିତ ରେଜିଷ୍ଟ୍ରି ଦଲିଲ ଥାଇ ଦାଖଲ-ଖାରଜ ମାମଲା ହୋଇନଥିଲେ **ତା୧୯.୧୨.୨୦୧୮ରିଖ ରୁ ତା୧୦.୦୧.୨୦୧୯ରିଖ** ମଧ୍ୟରେ ଜନସାଧାରଣ ତହସିଲ କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

ପ୍ରଜାଙ୍କୁ ପ୍ରଦତ୍ତ ହୋଇଥିବା ହାତ ଲେଖା ପଟ୍ଟା (ଖତିଆନ) ଯାହାକି ଭୂଲେଖ ୱେବସାଇଟରେ ଉପଲବ୍ଧ ହୋଇପାରି ନାହିଁ ତାହା ମଧ୍ୟ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକୀୟ ଯାଞ୍ଚ / ରେଭିନ୍ୟୁ କେସ ଆଧାରରେ ଆବଶ୍ୟକ ପ୍ରକାରେ ଯୋଗ କରାଯାଇପାରିବ ।

ମାଧ୍ୟମ / ବ୍ୟବସ୍ଥା : - ନିର୍ଦ୍ଧାରିତ ଫର୍ମରେ ନିଜର ସଂପୂର୍ଣ୍ଣ ଠିକଣା ଓ ମୋବାଇଲ ନମ୍ବର, ସରକାରୀ ଦେୟ ଓ ରେଜିଷ୍ଟ୍ରି ଦଲିଲର ନକଲ ସହ ଦରଖାସ୍ତ ଗ୍ରହଣୀୟ ।

ଏଣୁ ଓଡିଶା ସରକାରଙ୍କ ଦ୍ୱାରା ଦିଆଯାଇଥିବା ସ୍ୱଳ୍ପକାଳୀନ ମିଆଦର ଶେଷ ସୁଯୋଗ ଲାଭ କରି ପୁରୁଣା ରେଜିଷ୍ଟ୍ରି ଦଲିଲ ଦ୍ୱାରା ଆବେଦନ କରି ଜମି ପଟ୍ଟା ପ୍ରାପ୍ତ ହୁଅନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ : - ଏହି ତାରିଖ ଉପରାନ୍ତେ ପୁରୁଣା ରେଜିଷ୍ଟ୍ରି ଦଲିଲର ଦାଖଲ-ଖାରଜ ନିମନ୍ତେ କୌଣସି ଆବେଦନ ଗ୍ରହଣୀୟ ହେବନାହିଁ ।

**ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡା**